To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
S A K A L A

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ରୋହିଙ୍ଗ୍ୟା ମୁସଲମାନ୍ ଆମ ଦେଶର ଶରଣାର୍ଥୀ ନୁହଁନ୍ତି, ସେମାନଙ୍କୁ ନିଜ ଦେଶକୁ ପଠାଯିବ : ରାଜନାଥ ସିଂ

R.N.I. No.-42041/83 Vol-15, Issue No.88, ଭଦ୍ରକ, ଶୁକ୍ରବାର, ୨୨, ସେପ୍ଟେମ୍ବର ୨୦୧୭ ■ Bhadrak, Friday, 22 September 2017 Rs. 2.00 Pages-8

ଜେଲ୍ ଯିବେ ଜଜ୍

ଆଇ.ଏମ୍ କୁଦ୍ଦୁସି ଗିରଫ

ଭୁବନେଶ୍ୱର, ୨୧।୯ (ସକାଳ ଖବର) :- ଉତରପ୍ରଦେଶର ଲକ୍ଷ୍ନୌ ସ୍ଥିତ ପ୍ରସାଦ ଏଜୁକେସନାଲ ଟ୍ରଷ୍ଟ ମେଡିକାଲ କଲେଜ ଦୁର୍ନୀତି ମାମଲାରେ ଓଡିଶା ହାଇକୋର୍ଟର ପୂର୍ବତନ ବିଚାରପତି ଆଇ.ଏମ୍ କୁଦ୍ଦୁସିଙ୍କୁ ସିବିଆଇ ଗିରଫ କରିଛି । ଗୁରୁବାର ଦିନ ନୂଆଦିଲ୍ଲୀର ଗ୍ରେଟର କୈଳାସସ୍ଥିତ ଏନ୍-୭ ଘରୁ ତାଙ୍କୁ ଗିରଫ କରାଯାଇଛି । ତାଙ୍କ ସମେତ ଆଉ ୫ ଜଣଙ୍କୁ ମଧ୍ୟ ଗିରଫ କରାଯାଇଛି । ସେମାନେ ହେଲେ ମଧ୍ୟସ୍ଥି ବିଶ୍ୱନାଥ ଅଗ୍ରୱାଲ , ପାରସ୍ ମେଡିକାଲର ମୁଖ୍ୟ ବି.ପି ଯାଦବ ଏବଂ ତାଙ୍କ ପୁଅ ପଲାସ ଯାଦବ , ଭାବନା ପାଣ୍ଡେ ଓ ହାୱାଲା ଅପରେଟର ରାମଦେବ ସାରସ୍ୱତା ଗତକାଲି ୫ ଜଣଙ୍କ ଘରେ ଚଢାଉ ହୋଇଥିଲା । ଭୁବନେଶ୍ୱର , ଦିଲ୍ଲୀ ଏବଂ ଲକ୍ଷ୍ନୌ ସହରରେ ଏହି ଚଢାଉ କରାଯାଇଥିଲା। ସିବିଆଇର କହିବା ଅନୁଯାୟୀ ବିଶ୍ୱନାଥ ଅଗ୍ରୱାଲ ବିଚାରପତି କୁର୍ଦ୍ଦୁସିଙ୍କ ପକ୍ଷରୁ ଅର୍ଥ ଆଦାୟ କରୁଥିଲେ । ସେ ରାମଦେବ ସାରସ୍ୱତଙ୍କ ଠାରୁ ୧ କୋଟି ଟଙ୍କା ନେଉଥିବା ବେଳେ ତାଙ୍କୁ ଧରାଯାଇଥିଲା। ଗୁରୁବାର ମଧ୍ୟ ବିଶ୍ୱନାଥଙ୍କ ଭୁବନେଶ୍ୱର କାନନବିହାରସ୍ଥିତ ଘର ଉପରେ ରେଡ୍ କରାଯାଇଥିଲା। ସିବିଆଇ ଚଢାଇ ବେଳେ ସେମାନଙ୍କ ଠାରୁ ୧.୯୧ କୋଟି ଟଙ୍କା ଜବତ କରିଛି ।

ଉଲ୍ଲେଖ ଯୋଗ୍ୟ ଯେ ପ୍ରସାଦ ଏଜୁକେସନାଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ମେଡିକାଲ କଲେଜରେ ଭିତିଭୂମିର ଅଭାବ ଯୋଗୁଁ ନାମ ଲେଖାକୁ ବାରଣ କରାଯାଇଥିଲା । ତେବେ ଏହାକୁ ନମାନି ସମ୍ପୃକ୍ତ କଲେଜରେ ନାମଲେଖା ହୋଇଥିଲା । ଏହି ମାମଲା ପ୍ରଥମେ ସୁପ୍ରିମ୍ କୋର୍ଟ ଏବଂ ପରେ ଆହ୍ଲାବାଦ କୋର୍ଟକୁ ଯାଇଥିଲା । ମାମଲା ରଫାଦଫା ନାଇଁ ବିଚାରପତି କୁର୍ଦ୍ଦୁସି ଦାୟିତ୍ୱ ନେଇଥିବା ଅଭିଯୋଗ ହୋଇଥିଲା ।

ସୂଚନାଯୋଗ୍ୟ ଯେ ଗିରଫ ବିଚାରପତି କୁର୍ଦ୍ଦୁସି ୧୯୯୫ରେ ଆହ୍ଲାବାଦ **(ପୃଷ୍ଠା-୭)**

ଓଏଏସ୍ ପଦବୀ ୧୫୫୮ରୁ ୧୭୧୧କୁ ବୃଦ୍ଧି

୫ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ

ଅର୍ଥସେବା କ୍ୟାଡର ସଂଖ୍ୟା ୭୨୭ରୁ ୮୦୦କୁ ବୃଦ୍ଧି

ଭୁବନେଶ୍ୱର, ୨୧।୯ (ସକାଳ ଖବର) : ସାଧାରଣ ପ୍ରଶାସନ, ଅର୍ଥ, ପରିବହନ, ହସ୍ତତନ୍ତ ଓ ବୟନଶିଳ୍ପ ଏବଂ ସ୍ୱରାଷ୍ଟ୍ର ବିଭାଗ ପକ୍ଷରୁ ଆସିଥିବା ପାଂଚଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। ମଞ୍ଜୁରୀ ପାଇଥିବା ପ୍ରସ୍ତାବଗୁଡ଼ିକ ମଧ୍ୟରେ ଓଡ଼ିଶା ପ୍ରଶାସନିକ ସେବା କ୍ୟାଡର ଓ ଓଡ଼ିଶା ଅର୍ଥସେବା କ୍ୟାଡରର ପୁର୍ନଗଠନ, ପରିବହନ ବିଭାଗର ପୁର୍ନଗଠନ, ହସ୍ତତନ୍ତ ଓ ବୟନଶିଳ୍ପ କାଉନସିଲ୍ ଗଠନ, ଅଗ୍ନି ନିରୋଧ ଓ ଅଗ୍ନି ନିରାପତା ନିୟମାବଳୀ ସଂଶୋଧନ। ଗୁରୁବାର ଦିନ ରାଜ୍ୟ ସଚିବାଳୟ ଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ଉପରୋକ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ସମ୍ପର୍କରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ଆଦିତ୍ୟ ପ୍ରସାଦ ପାଢ଼ୀ ସାମ୍ବାଦିକମାନଙ୍କୁ ସୂଚନା ଦେଲାବେଳେ ଏହା ପ୍ରକାଶ କରିଥିଲେ। ସେ କହିଥିଲେ ଯେ, କ୍ୟାବିନେଟ୍‌ର ନିଷ୍ପତି ଅନୁଯାୟୀ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ପଦବୀ ସଂଖ୍ୟା ୧୫୫୮ରୁ ୧୭୧୧କୁ ବୃଦ୍ଧି କରାଯିବ। ବର୍ତମାନ ମଞ୍ଜୁରୀପ୍ରାପ୍ତ ୧୫୫୮ଟି ଓଏଏସ୍ ପଦବୀ ରହିଛି। ୧୫୩ ଗୋଟି ନୂତନ ପଦବୀ ସୃଷ୍ଟି କରାଯିବ। ଏହି ସେବାର ଥିବା ଗ୍ରୁପ୍-ଏର(ଜୁନିଅର ବ୍ରାଂଚ) ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟା ୯୯୬ ରହିଛି। ଏହି ସଂଖ୍ୟା ବୃଦ୍ଧି ନକରିବା ପାଇଁ ସ୍ଥିର ହୋଇଛି। ତେବେ ଗ୍ରୁପ୍-ଏର ସିନିଅର ବ୍ରାଂଚ ପଦବୀ ୩୦୦ରୁ ୩୩୦କୁ ବୃଦ୍ଧି କରିବା ପାଇଁ ସ୍ଥିର ହୋଇଛି। ଯାହାଫଳରେ ୩୦ଟି ନୂଆ ପଦବୀ ସୃଷ୍ଟି କରାଯିବ। ଏହାବ୍ୟତୀତ ଓଏଏସ୍ ବରିଷ୍ଠ ସଂଖ୍ୟା ୧୬୮ରୁ ୨୩୫, ଓଡ଼ିଶା ପ୍ରଶାସନିକ ସେବା(ଏସ୍ଏଜି) ସଂଖ୍ୟା ୮୨ରୁ ୧୨୫, ଓଏଏସ୍(ଏସ୍ଏସ୍) ୧୨ରୁ ୨୫କୁ ବୃଦ୍ଧି କରାଯିବ। ଅଧିକାରୀମାନଙ୍କର କ୍ୟାଡରର ଗତିଶୀଳତା ଓ ପ୍ରତ୍ୟେକ ପାହ୍ୟାରେ ପଦୋନ୍ନତିର ଅନୁଧ୍ୟାନ କରି ଏହାର ପୁର୍ନବିନ୍ୟାସ ପାଇଁ ନିଷ୍ପତି ନିଆଯାଇଛି। ଓଏଏସ୍ ଅଧିକାରୀମାନେ ରାଜ୍ୟ ପ୍ରଶାସନରେ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି। ବିଶେଷକରି ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ଶାନ୍ତିଶୃଙ୍ଖଳା ରକ୍ଷା, ଜମି ଅଧିଗ୍ରହଣ, ପୁନର୍ବାସ ଓ ପୁର୍ନଥଇଥାନ ଠାରୁ ଆରମ୍ଭ କରି ରାଜସ୍ୱ ପ୍ରଶାସନ, ଗ୍ରାମାଂଚଳ ଓ ସହରାଂଚଳ ଉନ୍ନତିକରଣ ତଥା ସ୍ୱାସ୍ଥ୍ୟ, ଶିକ୍ଷା, ଶିଳ୍ପ ଓ ଅନ୍ୟାନ୍ୟ ପ୍ରଶାସନିକ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଛି। ତେଣୁ ଏହି ପଦବୀ ସଂଖ୍ୟା ବୃଦ୍ଧି କରିବା ପାଇଁ ନିଷ୍ପତି ନିଆଯାଇଛି।

ଅପରପକ୍ଷରେ ବିଭିନ୍ନ ସରକାରୀ ବିଭାଗରେ ଆର୍ଥିକ ସୁପରିଚାଳନା ଓ ଉତରଦାୟିତ୍ୱ ବୃଦ୍ଧି ସହ ଆର୍ଥିକ ପରିଚାଳନା ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ଓଡ଼ିଶା ଅର୍ଥସେବାର ପୁର୍ନଗଠନର ଆବଶ୍ୟକତା ପଡ଼ୁଥିବା ହୃଦୟଙ୍ଗମ ହେବାପରେ **(ପୃଷ୍ଠା-୭)**

ସୁବଳଙ୍କ ସ୍ତ୍ରୀ ବିଜେଡି ପ୍ରାର୍ଥିନୀ !

ଭୁବନେଶ୍ୱର, ୨୧।୯ (ସକାଳ ଖବର) : ବରଗଡ ଜିଲ୍ଲା ବିଜେପୁର ନିର୍ବାଚନ ମଣ୍ଡଳୀର ସ୍ୱର୍ଗତ ବିଧାୟକ ସୁବଳ ସାହୁଙ୍କ ପରିବାର ବିଜେଡିରେ ମିଶିବା ସ୍ପଷ୍ଟ ହୋଇଛି। ସ୍ୱର୍ଗତ ସାହୁଙ୍କ ପୁଅ ସୁମିତ୍ ଏସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ଆସନ୍ତା ୨୩ ତାରିଖରେ ସେମାନେ ବିଜେଡିରେ ଯୋଗ ଦେଇପାରନ୍ତି । ଏଥିନେଇ ବିଜେଡି କର୍ମୀ ମାନଙ୍କ ସହିତ ଆଲୋଚନା କରାଯାଇଛି। ସ୍ୱର୍ଗତ ସାହୁଙ୍କ ପତ୍ନୀଙ୍କୁ ବିଜେଡି ପ୍ରାର୍ଥୀ କରିବା ବାଇଁ ଆଶ୍ୱାସନା ମିଳିଛି । ତେବେ ଅନ୍ୟ ଦଳ ମାନଙ୍କରୁ ମଧ୍ୟ ଏହି ଆଶ୍ୱାସନା ମିଳିଥିଲା । ବିଜେଡିରେ ଯୋଗ ଦେଲେ ତାଙ୍କ ବାପାଙ୍କ ଅଧୁରା ସ୍ୱପ୍ନ ପୂରଣ ହେବ ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ ଯେ ଗତ ଅଗଷ୍ଟ ୨୨ ତାରିଖରେ ବିଧାୟକ ସୁବଳ ସାହୁଙ୍କ ମୃତ୍ୟୁ ଘଟିଥିଲା । ସେ ବିଜେପୁର କଂଗ୍ରେସ ବିଧାୟକ ଭାବେ ଲଗାତାର ୩ ଥର ବିଜୟୀ ହୋଇଥିଲେ ।

ସିବିଆଇ ବିରୁଦ୍ଧରେ ଜନସ୍ୱାର୍ଥ ମାମଲା

ଭୁବନେଶ୍ୱର, ୨୧।୯ (ସକାଳ ଖବର) : ବିଳମ୍ବିତ ରାତିରେ ସିବିଆଇ ଅଧିକାରୀମାନେ ଓଡ଼ିଶା ହାଇକୋର୍ଟର ବିଚାରପତି ସି.ଆର. ଦାସଙ୍କର ବାସଭବନକୁ ଯାଇଥିବା ନେଇ ଓଡ଼ିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଛି । ଏହି ମାମଲା ସମ୍ପୃକ୍ତ କୋର୍ଟର ଓକିଲମାନେ ରୁଜୁ କରିଛନ୍ତି । ଉକ୍ତ ଜନସ୍ୱାର୍ଥ ମାମଲା ଉପରେ ହାଇକୋର୍ଟର କାର୍ଯ୍ୟରତ ବିଚାରପତି ନତୁବା ଅବସରପ୍ରାପ୍ତ ବିଚାରପତିଙ୍କ ଦ୍ୱାରା ତଦନ୍ତ କରାଯାଉ ବୋଲି ଦର୍ଶାଯାଇଛି । ଅନ୍ୟପକ୍ଷରେ ଏକାଧିକ ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ପକ୍ଷଭୁକ୍ତ କରାଯାଇଛି । ସେମାନେ ହେଲେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସଚିବ, ସିବିଆଇର ନିର୍ଦ୍ଦେଶକ, ଆଇଜି, ଏସପି, ରାଜ୍ୟ ସରକାରଙ୍କ ଗୃହ ସଚିବ, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ, ହାଇକୋର୍ଟର ରେଜିଷ୍ଟ୍ରର, ପୋଲିସ କମିଶନର, କଟକ ଡିସିପି ଏବଂ କ୍ୟାଂଟନମେଂଟ ଥାନା ଇନିସପେକ୍ଟର ।

ଅକ୍ଟୋବର ସୁଦ୍ଧା ୬ ଖଣି ନିଲାମ

ଭୁବନେଶ୍ୱର, ୨୧।୯ (ସକାଳ ଖବର) : ଅକ୍ଟୋବର ସୁଦ୍ଧା ରାଜ୍ୟରେ ଥିବା ୬ ଟି ଖଣି ନିଲାମ କରାଯିବ । ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ସଚିବାଳୟ ଠାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତି ନିଆଯାଇଛି । ବୈଠକ ପରେ ଶ୍ରୀ ପାଢୀ ସୂଚନା ଦେଇ କହିଥିଲେ ଯେ ଅକ୍ଟୋବର ସୁଦ୍ଧା ଏହି ୬ ଟି ଖଣି ନିଲାମ କରାଯିବ । ନିଲାମ ହେବାକୁ ଥିବା ଖଣି ମଧ୍ୟରେ ଗୋଟିଏ ଗ୍ରାଫାଇଟ୍ , ଗୋଟିଏ ଚୂନ ପଥର , ୪ଟି ଲୁହାପଥର ଖଣି ଅନ୍ତର୍ଭୁକ୍ତ। ଏହାବ୍ୟତୀତ ପୂର୍ବରୁ ନିଲାମ ହୋଇଥିବା ୫ ଟି ଖଣିର କାର୍ଯ୍ୟକ୍ଷମ ଉପରେ ମଧ୍ୟ ଏହି ବୈଠକରେ ଆଲୋଚନା କରାଯାଇଥିବା ସେ କହିଥିଲେ ।

ଭାରତକୁ ପାକିସ୍ତାନର ପରମାଣୁ ଧମକ

ନୂଆଦିଲ୍ଲୀ, ୨୧।୯ : ଆମେରିକାରେ ଫରେନ ରିଲେସନ କାଉନସିଲରେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶାହିଦ ଆବାସି ପୁଣି ଭାରତକୁ ନାଲି ଆଖି ଦେଖାଇ ପରମାଣୁ ଅସ୍ତ୍ରର ଧମକ ଦେଇଛନ୍ତି । ଶାହିଦ ଆବାସି କହିଛନ୍ତି, ଭାରତର ନୂଆ ଯୁଦ୍ଧ ରଣନୀତି କୋଲ୍ଡ ଷ୍ଟାର୍ଟ ଡ୍ରକଟ୍ରିନ'କୁ ମୁକାବିଲା କରିବା ପାଇଁ ପାକିସ୍ତାନ ସ୍ୱଳ୍ପ ଦୂରଗାମୀ ପରମାଣୁ ବୋମା ତିଆରି କରିଛି । ପାକିସ୍ତାନ ବିଶ୍ୱର ଦାୟିତ୍ୱସମ୍ପନ୍ନ ଦେଶ । ଏହାଛଡା ଦୀର୍ଘଦିନ ଧରି ଆତଙ୍କବାଦ ବିରୋଧରେ ଲଢେଇ କରୁଥିବା ଦେଶ ମଧ୍ୟରୁ ଅନ୍ୟତମ ଦେଶ ହେଉଛି ପାକିସ୍ତାନ । ତେଣୁ ପାକିସ୍ତାନ ଉପରେ ସନ୍ଦେହ କରିବାର କୌଣସି କାରଣ ନାହିଁଛ ବିଶ୍ୱସ୍ତରରେ ପାକିସ୍ତାନକୁ ନେଇ ହେଉଥିବା ଆଲୋଚନାକୁ ବନ୍ଦ କରାଯାଉ । ଆମ ପାଖରେ ପରମାଣୁ ଅସ୍ତ୍ର ରହିଛି ଏବଂ ଏହାକୁ କିପରି ସୁରକ୍ଷା ଦିଆଯିବ ସେ ନେଇ ଅନ୍ୟ କେହି ଆଲୋଚନା କରିବା ଆବଶ୍ୟକ ନାହିଁ ବୋଲି କହିଛନ୍ତି ଆବାସି ।

ପ୍ରତିକ୍ରିୟାଶୀଳ କୁଳଦୀପ

କୁଳଦୀପଙ୍କ ହ୍ୟାଟ୍ରିକ୍

୨ୟ ଦିନିକିଆ ବି ଭାରତ ହାତେଇଲା

କୋଲକାତା: କୁଳଦୀପ ଯାଦବଙ୍କ ଚମତ୍କାର ବୋଲିଂ ପ୍ରଦର୍ଶନ ବଳରେ ଭାରତ ୫୦ରନ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି । ଅଷ୍ଟ୍ରେଲିଆ ୪୩.୧ ଓଭରରେ ସମସ୍ତ ଓ୍ୱିକେଟ ହରାଇ ୨୦୨ ରନ୍ ସଂଗ୍ରହ କରିଛି । ଅଷ୍ଟ୍ରେଲିଆର ୧୪୮ ରନ୍ ଥିବା ବେଳେ, କୁଳଦୀପ ଯାଦବ ୩୩ ନମ୍ବର ଓଭର ବୋଲିଂ କରି ହ୍ୟାଟ୍ରିକ ଓ୍ୱିକେଟ ନେଇ ଭାରତର ବିଜୟକୁ ସହଜ କରିଥିଲେ । କୋଲକାତା ଦିନିକିଆରେ ବିଜୟୀ ହେବା ପରେ ବିରାଟ ବାହିନୀ ଶୃଙ୍ଖଳାର ୨-୦ ଆଗରେ ରହିଛି । କୋଲକାତାର ଇଡେନ ଗାର୍ଡେନରେ ଅଷ୍ଟ୍ରେଲିଆ ବିପକ୍ଷରେ ଚାଲିଥିବା ୫ଟି ଦିନିକିଆ ଶୃଙ୍ଖଳାର ୨ୟ ଦିବା-ରାତ୍ର ମ୍ୟାଚରେ ଗୁରୁବାର ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା ବିରାଟ ବାହିନୀ । ୨୫୩ ରନ୍ ବିଜୟ ଲକ୍ଷ୍ୟ ନେଇ ୨ୟ ପାଳି ଆରମ୍ଭ **(ପୃଷ୍ଠା-୭)**

ବ୍ରିଜ୍ ଭୁଶୁଡିବା ଘଟଣାରେ ଜବାବ୍ ଦାଖଲ କରିବାକୁ ସରକାରଙ୍କୁ ନୋଟିସ୍

କଟକ/ଭୁବନେଶ୍ୱର, ୨୧।୯ (ସକାଳ ଖବର) : -ଭୁବନେଶ୍ୱରର ବମିଖାଲ ଓଭରବ୍ରିଜ ଭୁଶୁଡ଼ିବା ଘଟଣାକୁ ନେଇ ରୁଜୁ ହୋଇଥିବା ଜନସ୍ୱାର୍ଥ ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି ।ଖଣ୍ଡପୀଠ ମାମଲାର ଶୁଣାଣି କରି ମୁଖ୍ୟ ଶାସନ ସଚିବ, ପୂର୍ତ ସଚିବ, ଡିଜାଇନ ଆଣ୍ଡ ରୋଡ୍ ମୁଖ୍ୟ ଯନ୍ତ୍ରୀ, ରୋଡସ୍ ଆଣ୍ଡ ବିଲ୍ଡିଂ ନିର୍ବାହୀ ଯନ୍ତ୍ରୀ ଓ ପଣ୍ଡା ଇନଫ୍ରା ପ୍ରୋଜେକ୍ଟ ଲିମିଟେଡକୁ ଏହି ନୋଟିସ ଜାରି କରାଯାଇଛି । କଟକର ଜଣେ ସମାଜସେବୀଙ୍କ ପକ୍ଷରୁ ଦାଏର ମାମଲାରେ ମୁଖ୍ୟ ବିଚାରପତି ଜଷ୍ଟିସ ଭିନିତ ସରନ ଓ ଡକ୍ଟର ଜଷ୍ଟିସ ବି.ଆର ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଶୁଣାଣି କରିଥିଲେ। ମାମଲାର ପରବର୍ତୀ ଶୁଣାଣି ପୂଜା ପରେ କରାଯିବାକୁ ଧାର୍ଯ୍ୟ କରାଯାଇଥିବା ବେଳେ ଏହା ପୂର୍ବରୁ ପ୍ରତିପକ୍ଷମାନେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ ଯେ, ସେପ୍ଟେମ୍ବର ୧୦ ତାରିଖର ମଧ୍ୟାହ୍ନରେ ବମିଖାଲ ଓଭରବ୍ରିଜ ଭୁଶୁଡ଼ି ପଡ଼ିଥିଲା। ଏହି ଘଟଣାରେ ଝାରପଡ଼ାର ସତ୍ୟ ପଟ୍ଟନାୟକ ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା । ଏହାସହ ସତ୍ୟଙ୍କ ଝିଅ ସମେତ ପ୍ରାୟ ୧୫ ଜଣ ଆହତ ହୋଇଥିଲେ ।

ଆନ୍ଦୋଳନ ଚାଲୁ ରଖିବ ହାଇକୋର୍ଟ ବାର ଆସୋସିଏସନ୍

ଭୁବନେଶ୍ୱର, ୨୧।୯ (ସକାଳ ଖବର) : - ହାଇକୋର୍ଟର ବିଚାରପତି ସି.ଆର ଦାଶଙ୍କ ଘରକୁ ସିବିଆଇ ଅଧିକାରୀ ମାନେ ଯାଇଥିବା ଘଟଣାକୁ ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁ ରହିବ ବୋଲି ହାଇକୋର୍ଟ ବାର ଆସୋସିଏସନ୍ ର ବୈଠକରେ ନିଷ୍ପତି ନିଆଯାଇଛି । ଆସନ୍ତାକାଲି ପୂର୍ବାହ୍ନ ୧୧ ଟାରେ ପୁନର୍ବାର ଏନେଇ ବୈଠକ ବସିବ ବୋଲଶ ସେ କହିଛନ୍ତି । ଅନ୍ୟପକ୍ଷରେ ଏହି ଘଟଣାରେ କଟକ କ୍ୟାଂଟନମେଂଟ ଥାନାରୁ ଏଫଆଇଆର କପି ଗ୍ରହଣ କରିଛି ସିବିଆଇ। ଗତକାଲି କଟକ କ୍ୟାଂଟନମେଂଟ ଥାନାରେ ସିବିଆଇ ନାଁରେ ମାମଲା ରୁଜୁ ହୋଇଥିଲା। ସେହିପରି କଟକ ଡିସିପି ଅଖିଳେଶ୍ୱର ସିଂହ ସିବିଆଇ ଏସପିଙ୍କୁ ଚିଠି ଲେଖିଛନ୍ତି । ସିବିଆଇର କେତେଜଣ ଅଧିକାରୀ ବିଚାରପତିଙ୍କ ଘରକୁ କେତେବେଳେ ଯାଇଥିଲେ ସେନେଇ ସବିଶେଷ ତଥ୍ୟ ଦେବାକୁ ସେ ଉକ୍ତ ଚିଠିରେ ଦର୍ଶାଇଛନ୍ତି । ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଏହାର ଉତର ନଦେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚିଠିରେ ଲେଖାଯାଇଛି । ଏହା ବ୍ୟତୀତ ସିବିଆଇ ଡିଆଇ ମନୀଷ ସିହ୍ନା ପୋଲିସ୍ କମିଶନରଙ୍କୁ ଗୁରୁବାର ସାକ୍ଷାତ କରିଛନ୍ତି । ଉଦ୍ଦେଶ୍ୟମୂଳକ ଭାବେ ସେମାବେ ବିଚାରପତିଙ୍କ ଘରକୁ ଯାଇନଥିଲେ । ବିଚାରପତିଙ୍କ ଘରେ **(ପୃଷ୍ଠା-୭)**

ତଥ୍ୟ ଦେବାକୁ ସିବିଆଇକୁ ଚିଠି ଲେଖିଲେ କଟକ ଡିସିପି



ନେବାର ଭଲ ଉପାୟ ହେଉଛି ଦେବା ।

ହୁଣ୍ଡିର ଆୟ (୨୧.୯.୧୭)
୧,୪୬,୫୦୮

ମମତାଙ୍କୁ ହାଇକୋର୍ଟ ଛାଟ

ମୂର୍ତ୍ତି ବିସର୍ଜନ ଉପରେ ଲଗାଯାଇଥିବା ରୋକ୍ ହଟାଇଲେ

କୋଲକାତା, ୨୧।୯ : ପଶ୍ଚିମବଙ୍ଗରେ ମୂର୍ତ୍ତି ବିସର୍ଜନ ପ୍ରସଙ୍ଗରେ କୋଲକାତା ହାଇକୋର୍ଟ ମମତା ସରକାରଙ୍କୁ ଝଟକା ଦେଇଛନ୍ତି । ହାଇକୋର୍ଟ ମୂର୍ତ୍ତି ବିସର୍ଜନ ଉପରେ ରାଜ୍ୟ ସରକାର ନେଇଥିବା ନିଷ୍ପତ୍ତିକୁ ବଦଳାଛନ୍ତି । ଏଥିସହ କୋର୍ଟ ମହରମ ଦିନରେ ମୂର୍ତ୍ତି ବିସର୍ଜନ ଉପରେ ଲଗାଯାଇଥିବା ରୋକକୁ ହଟାଇ ଦେଇଛନ୍ତି । କୋର୍ଟ ନିଜ ନିଷ୍ପତ୍ତିରେ କହିଛନ୍ତି ଯେ ପୂର୍ବପରି ରାତି ୧୨ ପର୍ଯ୍ୟନ୍ତ ମା ଦୁର୍ଗାଙ୍କ ମୂର୍ତ୍ତି ବିସର୍ଜନ କରାଯାଇ ପାରିବ । ଏଥିପାଇଁ କୋର୍ଟକୁ ବ୍ୟବସ୍ଥା କରିବାକୁ ପଡ଼ିବ । ହାଇକୋର୍ଟ ପୋଲିସକୁ କହିଛନ୍ତି ଯେ ଦୁଇ କାର୍ଯ୍ୟକ୍ରମ ପାଇଁ ଭିନ୍ନ ଭିନ୍ନ ରୁଟର ବ୍ୟବସ୍ଥା କରନ୍ତୁ । ଏହା ପୂର୍ବରୁ ଗୁରୁବାର ଶୁଣାଣି ସମୟରେ ହାଇକୋର୍ଟ କହିଛନ୍ତି ଯେ ପ୍ରତିବନ୍ଧ ଲଗାଇବା ହେଉଛି ଶେଷ ବିକଳ୍ପ । କୋର୍ଟ କହିଛନ୍ତି ଶେଷ ବିକଳ୍ପକୁ କଣ ପାଇଁ ରାଜ୍ୟ ସରକାର ପ୍ରଥମରୁ ଲଗାଉଛନ୍ତି । ସରକାରଙ୍କୁ ପର୍ଯ୍ୟାୟକ୍ରମେ ପଦକ୍ଷେପ ନେବାକୁ ପଡ଼ିବ । ହାଇକୋର୍ଟ ମମତା ସରକାରକୁ ପ୍ରଶ୍ନ କରିଛନ୍ତି ଯେ ଯଦି ପ୍ରତିବନ୍ଧ ଲଗାଯାଉଛି ତେବେ ସମସ୍ତଙ୍କ ଉପରେ କଣ ପାଇଁ ଲଗାଯାଉନି । କୋର୍ଟ କହିଛନ୍ତି ସରକାର ବିନା ଆଧାରରେ ନିଜ ଅଧିକାରର ଦୁରୁପଯୋଗ କରିଛନ୍ତି । କୋର୍ଟ ଏହା ମଧ କହିଛନ୍ତି ଯେ ସରକାର କ୍ୟାଲେଣ୍ଡରକୁ ପରିବର୍ତ୍ତନ କରିପାରିବେ ନାହିଁ । କଣ ଆପଣ ସରକାରରେ ଅଛନ୍ତି ବୋଲି ଦୁଇ ଦିନ ପର୍ଯ୍ୟନ୍ତ ବଳପୂର୍ବକ ଆସ୍ଥା ଉପରେ ରୋକ୍ ଲଗାଇଦେବେ । ସରକାରଙ୍କୁ ସମସ୍ତ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବା ଦରକାର । ଏହା ପୂର୍ବରୁ ବୁଧବାର କୋର୍ଟ ମମତା ସରକାରକୁ ଭର୍ତ୍ସନା କରି କହିଥିଲେ ଯେ ଆପଣ ଦୁଇ ସମୁଦାୟ ମଧରେ ଫାଟ ସୃଷ୍ଟି କରନ୍ତୁ ନାହିଁ । ଦୁର୍ଗା ପୂଜା ଏବଂ ମହରମକୁ ନେଇ ରାଜ୍ୟରେ ଏମିତି ସ୍ଥିତି କେବେ ଉପୁଜିନାହିଁ । ସେମାନଙ୍କୁ ଏକାଠି ରହିବାକୁ ଦିଆଯାଉ ବୋଲି କୋର୍ଟ କହିଥିଲେ ।

ମମତାକୁ ହାଇକୋର୍ଟଙ୍କ ପ୍ରଶ୍ନ

ପ୍ରତିବନ୍ଧ ସମସ୍ତଙ୍କ ପାଇଁ ନୁହେଁ ?

ସରକାର କ୍ୟାଲେଣ୍ଡରକୁ ପରିବର୍ତ୍ତନ କରିପାରିବେ ?

ବଳପୂର୍ବକ ଆସ୍ଥା ଉପରେ ରୋକ୍ ଲଗାଇବେ ?

ଓପୋଲ୍‌ଫେଡ୍

ତାରିଖ : ୨୨.୦୯.୨୦୧୭

ଆଜିର ଦର

- ବ୍ରଏଲର୍ କୁକୁଡା ମାଂସ : ଟ୧୪୦/-(କେଜିପ୍ରତି)
- ବ୍ରଏଲର୍ କୁକୁଡା ମାଂସ :ଟ୧୫୦/-(କେଜିପ୍ରତି) (ବିନା କଲିଜା କରାଟ)
- ବନରାଜା କୁକୁଡା ମାଂସ:ଟ୨୭୦/-(କେଜିପ୍ରତି)
- ଜୀବନ୍ତ ଦେଶୀ କୁକୁଡା :ଟ ୩୨୦/-(କେଜିପ୍ରତି)
- ଅଣ୍ଡା ପ୍ୟାକେଟ୍ : ଟ ୬୨/-(ଏକଡଜନ)
- ଅଣ୍ଡା ପ୍ୟାକେଟ୍ : ଟ ୩୧/-(ଅଧାଡଜନ)

ଯୋଗାଯୋଗ : ୮୭୬୩୯୮୯୮୪୪/ ୯୮୬୧୩୬୦୪୮୦/ ୯୭୭୬୯୪୨୮୫୦

Üÿ{Àÿæ {þæ{sæ Lÿ¨ ¨äÀÿ 75 þàÿßœÿ s ÜÿBàÿÀÿ Dû¯ÿ

þQ¿þ¦êZÿ Óºàÿ¨Àÿ SÖ Aæf

œÿæàÿ{Lÿæ{Àÿ µÿ¯ÿ{œÿÉÀÿ œÿSÀÿ Àÿæfµÿæ Ìæ Lÿæ¾¿æœÿßœÿ Óþ†ÿÀÿ {¯ÿvÿLÿ

Lÿæ¾¿Àÿ†ÿ {ÜÿæþSæxÿZÿ Üÿ'ÿWæ†ÿ{Àÿ þ†ÿ¿

Svÿœÿ {Üÿ¯ÿ ÜÿÓ†ÿ;ÿ ÜÿÓÉÀÿ DŸßœÿ ¯ÿLÿæÉ ¨Àÿ Ì'ÿ

AæÀÿsH {Üÿ{¯ÿ ¯ÿÀÿ Ï ¨$þ {É~ê AüÿÓÀÿ, Fþµÿ AæB {Üÿ{¯ÿ Lÿœÿ Ï ¨$þ {É~ê AüÿÓÀÿ

ÀÿæDÀÿ{Lÿàÿæ BØæ†ÿ LÿæÀÿQæœÿæ{Àÿ ¯ÿæ{ßæ xÿæB{fÎÀÿ D'ÿWæ†ÿ

AS œÿ{Àÿæ™ H AS œÿÀÿæ¨ÿ œÿßþ ÿÀÿê Óó{Éæ™œÿLÿ Lÿ¿æ ÿ{œÿs þqÀÿê

Aæ;ÿ... þÜÿæ¯ÿ'ÿ¿æÁÿß ¯ÿæ{Ôÿs ¯ÿàÿ ¨†ÿ{¾æS†ÿæ

µÿ'ÿLÿ ÓßÓ ÉæÓ†ÿ þÜÿæ¯ÿ'ÿ¿æÁÿß `ÿæ¸ ßœÿ

Aæ¯ÿÉ¿Lÿêß Aœÿÿþ†ÿ H Aœÿÿ{þæ'ÿœÿ Lÿæ¾¿ †ÿÀÿæœÿ†ÿ LÿÀÿ ¯ÿæLÿ þQ¿ ÉæÓœÿ Ó¯ÿ ÿZÿ œÿ{"É

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick

Óó¨æ'ÿLÿ : Aþ†ÿ Lÿþæ Àÿ þàÿLÿ